# NATIONAL NEWS BULLETIN (ODIA)

**21 March - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ ଆଜି ସୁପ୍ରିମକୋର୍ଟ ପରିସରରେ ଆକ୍ସେସିବିଲିଟି ହେଲ୍ପ ଡେକ୍ସକୁ ଉଦ୍‌ଘାଟନ କରିଛନ୍ତି ।

- ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନର ମାନଙ୍କ ନିଯୁକ୍ତି ପାଇଁ ପ୍ରଣୀତ ନୂଆ ଆଇନ୍ ଉପରେ ସ୍ଥଗିତାଦେଶ ଲାଗୁ କରିବାକୁ ସୁପ୍ରିମକୋର୍ଟ ମନା କରିଛନ୍ତି ।

- କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଗଣତନ୍ତ୍ର ସୁଚାରୁରୂପେ କାର୍ଯ୍ୟ କରିବା ଲାଗି ନିରପେକ୍ଷ ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

- ବିହାରରେ ଲୋକସଭା ନିର୍ବାଚନ ପାଇଁ କାର୍ଯ୍ୟକଳାପ ତ୍ୱରାନ୍ୱିତ ହୋଇଛି ।

ଏବଂ

- ଦିଲ୍ଲୀର କବୀର ନଗର ଅଞ୍ଚଳରେ ଏକ ଅଟ୍ଟାଳିକା ଭୁଶୁଡି ପଡ଼ିବାରୁ ୨ଜଣ ଲୋକ ପ୍ରାଣ ହରାଇଛନ୍ତି ।

## ଏସ୍‌ସି-ଆକ୍ସେସିବିଲିଟି ହେଲ୍‌ପ ଡେସ୍କ

ପ୍ରଧାନ ବିଚାରପତି ଡି.ଓ୍ୱାଇ. ଚନ୍ଦ୍ରଚୂଡ ଆଜି ସୁପ୍ରିମକୋର୍ଟ ପରିସରରେ ଆକ୍ସେସିବିଲିଟି ହେଲ୍‌ପ ଡେକ୍ସକୁ ଉଦ୍‌ଘାଟନ କରିଛନ୍ତି । ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ସେ କହିଛନ୍ତି ସୁପ୍ରିମକୋର୍ଟଙ୍କ ମିଶନ ଅନୁସାରେ ଏହି ହେଲ୍‌ପ ଡେକ୍ସ ଖୋଲାଯାଇଛି । ଜଷ୍ଟିସ ରବୀନ୍ଦ୍ର ଭଟ୍ଟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିଙ୍କ ଦ୍ୱାରା ରିପୋର୍ଟ ଦାଖଲ ସହ ଏହି ମିଶନ ଆରମ୍ଭ ହୋଇଥିଲା । ଅସହାୟ ଲୋକମାନଙ୍କୁ ସୁପ୍ରିମକୋର୍ଟର ସହାୟତା ନେବାକୁ ସରଳ କରିବା ଲାଗି କମିଟି ଅନେକ ସୁପାରିଶ କରିଥିଲେ । ସେହି ଲୋକମାନଙ୍କ ମଧ୍ୟରେ ଦିବ୍ୟାଙ୍ଗଜନ, ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଓ ସ୍ୱତନ୍ତ୍ର ସହାୟତା ଦରକାର କରୁଥିବା ଲୋକମାନେ ରହିଛନ୍ତି ।

## ଏସ୍‌ସି-ଇସି ଆପଏଣ୍ଟମେଣ୍ଟ

ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନର ମାନଙ୍କ ନିଯୁକ୍ତି ପାଇଁ ପ୍ରଣୀତ ନୂଆ ଆଇନ୍ ଉପରେ ସ୍ଥଗିତାଦେଶ ଲାଗୁ କରିବାକୁ ସୁପ୍ରିମକୋର୍ଟ ମନା କରିଛନ୍ତି । ଜଷ୍ଟିସ ସଞ୍ଜୀୟ ଖାନ୍ନା ଓ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ କହିଛନ୍ତି ଆଗକୁ ଲୋକସଭା ନିର୍ବାଚନ ହେବାକୁ ଥିବାରୁ ବର୍ତ୍ତମାନ ପର୍ଯ୍ୟାୟରେ କୋର୍ଟ ଏହି ଆଇନ୍ ଉପରେ ସ୍ଥଗିତାଦେଶ ଲାଗୁ

କରିପାରିବେ ନାହିଁ । ଖଣ୍ଡପୀଠ କହିଛନ୍ତି ସାମ୍ବିଧାନିକ ଖଣ୍ଡପୀଠଙ୍କ ରାୟରେ କୌଣସିଠାରେ ମନୋନୟନ କମିଟିର ସଦସ୍ୟ କିଏ ହେବା ଉଚିତ୍ ତାହା ଉଲ୍ଲେଖ ନାହିଁ । ସୁପ୍ରିମକୋର୍ଟ ଏ ସମ୍ବନ୍ଧୀୟ ନୂଆ ଆଇନ୍ ଉପରେ ସ୍ଥଗିତାଦେଶ ଲାଗୁ ପାଇଁ ଆବେଦନ ଗୁଡ଼ିକର ଶୁଣାଣି କରି ଏହା କହିଛନ୍ତି । କୋର୍ଟ କହିଛନ୍ତି ନବନିଯୁକ୍ତ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଓ ଶୁଖବୀର ସିଂହ ସାନ୍ଧୁଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ ନାହିଁ ।

## ଇସି-ଡିଏମ୍ ଆଣ୍ଡ ଏସ୍‌ପି ଟ୍ରାନ୍ସଫର

ନିର୍ବାଚନ କମିଶନ ଗୁଜୁରାତ, ପଞ୍ଜାବ, ଓଡ଼ିଶା ଓ ପଶ୍ଚିମବଙ୍ଗର ଜିଲ୍ଲା ମାଜିଷ୍ଟ୍ରେଟ୍ ଓ ପୋଲିସ ସୁପରିନ୍‌ଟେଣ୍ଡେଣ୍ଟ ମାନଙ୍କ ବଦଳି ନିର୍ଦ୍ଦେଶ ଜାରି କରିଛି । ପୂର୍ଣ୍ଣାଙ୍ଗ ନିର୍ବାଚନ କମିଶନ ଦଳର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏହାବ୍ୟତୀତ ପଞ୍ଜାବର ଭଟିଣ୍ଡା ଏସ୍.ଏସ୍.ପି ଓ ଆସାମର ସୋନିତପୁର ଏସ୍.ପିଙ୍କ ବଦଳି ନିର୍ଦ୍ଦେଶ ମଧ୍ୟ ଜାରି କରାଯାଇଛି । ସେମାନଙ୍କର ନିକଟ ସମ୍ପର୍କୀୟମାନେ ରାଜନୈତିକ ପ୍ରତିନିଧି ଭାବେ ନିର୍ବାଚିତ ହୋଇଥିବାରୁ ଏଭଳି କରାଯାଇଛି । ଏହି ବଦଳିଗୁଡ଼ିକୁ ତୁରନ୍ତ କରିବା ପାଇଁ ନିର୍ବାଚନ କମିଶନ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛି ।

# ତେଲେଙ୍ଗାନା ଚେଞ୍ଜିଂ ସିନେରିଓ

ତେଲେଙ୍ଗାନାରେ ରାଜନୈତିକ ଦୃଶ୍ୟପଟରେ ଦ୍ରୁତ ପରିବର୍ତ୍ତନ ଦେଖିବାକୁ ମିଳିଛି । ବିଭିନ୍ନ ରାଜନୈତିକ ଦଳର ତୁଙ୍ଗ ନେତାମାନେ ପାର୍ଟିରେ ପରିବର୍ତ୍ତନ କରୁଛନ୍ତି । ଭାରତ ରାଷ୍ଟ୍ର ସମିତିର ଅନେକ ଉପସ୍ଥିତ ସାଂସଦ ପାର୍ଟି ପରିଚାଳନା କରିଥିବାରୁ ଏହା ଏକ ଚ୍ୟାଲେଞ୍ଜ ହୋଇଛି । ଯେଉଁ ନେତାମାନେ ପାର୍ଟି ଛାଡି ଚାଲିଯାଉଛନ୍ତି ସେମାନେ ଅନ୍ୟ ପାର୍ଟିରୁ ଟିକଟ ପାଉଛନ୍ତି ।

ତେଲେଙ୍ଗାନାରେ ବିଜେପି ନିର୍ବାଚନ ପ୍ରସ୍ତୁତିରେ ଆଗୁଆ ରହିଛି । ୧୭ଟି ଲୋକସଭା ଆସନ ମଧ୍ୟରୁ ୧୫ଟି ପାଇଁ ପାର୍ଟି ଏହାର ପ୍ରାର୍ଥୀମାନଙ୍କୁ ଘୋଷଣା କରିଛି । ତେବେ ସେମାନଙ୍କ ମଧ୍ୟରୁ ୯ଜଣ ଭାରତ ରାଷ୍ଟ୍ର ସମିତିରୁ ଆସିଛନ୍ତି । ସେହି ନେତାମାନେ ହେଲେ ଜି. ନଗେଶ, ବି.ବି. ପାଟିଲ, ପି. ଭାରତ, ପି. ରାମୁଲୁ, ଆଜ୍‌ମିରା ସୀତାରାମ ନାଏକ ଓ ସଇଦି ରେଡ୍ଡୀ । ଜି. ଶ୍ରୀନିବାସଙ୍କୁ ପେଡାପଲ୍ଲୀରୁ ଟିକଟ ମିଳିଛି । କଂଗ୍ରେସ ପାର୍ଟି ଅଳ୍ପକିଛି ସଦସ୍ୟଙ୍କର ନାମ ଚୂଡାନ୍ତ କରିଛି । କଂଗ୍ରେସରେ ଭାରତ ରାଷ୍ଟ୍ର ସମିତିରୁ ଯୋଗ ଦେଇଥିବା ସାଂସଦମାନଙ୍କୁ ଟିକଟ ମିଳିବାର ସମ୍ଭାବନା ଅଛି । ଭାରତ ରାଷ୍ଟ୍ରସମିତିରୁ ଆସିଥିବା ସାଂସଦମାନେ ହେଲେ ରଣଜିତ୍ ରେଡ୍ଡୀ, ବି. ଭେଙ୍କଟେଶ ନେତାକାମି ଓ ଦାନମ ନଗେନ୍ଦ୍ର। ଭାରତ ରାଷ୍ଟ୍ରସମିତି ସାଂସଦ ପି. ଦୟାଶଙ୍କରଙ୍କ ସମେତ ଆଉକିଛି ବ୍ୟକ୍ତି କଂଗ୍ରେସରୁ ଟିକଟ ପାଇବାକୁ ଆଶାୟୀ ଅଛନ୍ତି ।

ଭାରତ ରାଷ୍ଟ୍ର ସମିତିରୁ ବହୁ ନେତା ଚାଲିଯାଇଥିବା ସତ୍ତ୍ୱେ ବି.ଏସ୍.ପି ରାଜ୍ୟଶାଖା ସଭାପତି ଆର୍.ଏସ୍. ପ୍ରବୀଣ କୁମାର ଭାରତ ରାଷ୍ଟ୍ରସମିତିରେ

ଯୋଗ ଦେଇଛନ୍ତି । ଅଧିକ ନେତା ଦଳଛାଡି ଚାଲିନଯିବା ପାଇଁ ଭାରତ ରାଷ୍ଟ୍ର ସମିତି ୪ଟି ଲୋକସଭା ଆସନରେ ପ୍ରାର୍ଥୀମାନଙ୍କର ନାମ ଘୋଷଣା କରିଛି । ୧୭ଟି ଲୋକସଭା ଆସନ ମଧ୍ୟରୁ ଭାରତ ରାଷ୍ଟ୍ରସମିତି ୨୦୧୯ରେ ୯ଟିରେ ବିଜୟୀ ହୋଇଥିଲା ।

## କଂଗ୍ରେସ-ବ୍ରିଫିଙ୍ଗ

କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଗଣତନ୍ତ୍ର ସୁଚାରୁରୂପେ କାର୍ଯ୍ୟ କରିବା ଲାଗି ନିରପେକ୍ଷ ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ କହିଛନ୍ତି ଗଣତନ୍ତ୍ରର ସୁରକ୍ଷା ପାଇଁ ସମସ୍ତଙ୍କ ସକାଶେ ସମାନ ସୁଯୋଗ ସୃଷ୍ଟି କରାଯିବା ନିହାତି ଆବଶ୍ୟକ । ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି କଂଗ୍ରେସ ପାର୍ଟିର ବ୍ୟାଙ୍କ ଆକାଉଣ୍ଟ ଅଚଳ କରିଦିଆଯାଇଛି । କଂଗ୍ରେସ ପାର୍ଟିର ବ୍ୟାଙ୍କ ଆକାଉଣ୍ଟକୁ କାର୍ଯ୍ୟକ୍ଷମ କରାଗଲେ ଆଗାମୀ ଲୋକସଭା ନିର୍ବାଚନ ପାଇଁ ପାର୍ଟି ତା'ର ଅର୍ଥ ଖର୍ଚ୍ଚ କରିପାରିବ ।

ବରିଷ୍ଠ କଂଗ୍ରେସ ନେତା ସୋନିଆ ଗାନ୍ଧୀ କଂଗ୍ରେସ ପାର୍ଟି ବ୍ୟାଙ୍କ ଆକାଉଣ୍ଟ ଅଚଳ କରାଯିବାକୁ ଅଗଣତାନ୍ତ୍ରିକ କାର୍ଯ୍ୟ କହିଛନ୍ତି । ଶ୍ରୀମତୀ ଗାନ୍ଧୀ କହିଛନ୍ତି ସର୍ବସାଧାରଣଙ୍କଠାରୁ ସଂଗ୍ରହ କରାଯାଇଥିବା ଅର୍ଥ ଅଚଳ କରାଯାଇଛି ଓ କଂଗ୍ରେସ ପାର୍ଟିର ପାଣ୍ଠିକୁ ବଳପୂର୍ବକ ଅପହରଣ କରାଯାଉଛି । ଏହି ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି

ଏହା କଂଗ୍ରେସ ପାର୍ଟିର ବ୍ୟାଙ୍କ ଆକାଉଣ୍ଟ ଅଚଳ କରାଯିବା ନୁହେଁ, ଏହା ହେଉଛି ଭାରତୀୟ ଗଣତନ୍ତ୍ରକୁ ଅଚଳ କରିବା ।

## ରେଲୱେ ହୋଲି ସ୍ପେଶାଲ

ହୋଲି ସମୟରେ ଯାତ୍ରୀମାନଙ୍କୁ ସୁବିଧାରେ ଯିବାଆସିବା କରିବା ପାଇଁ ଭାରତୀୟ ରେଳବାଇ ୫୪୦ଟି ଟ୍ରେନ୍ ଚଳାଉଛି । ରେଳମନ୍ତ୍ରୀ କହିଛନ୍ତି ଦେଶର ବଡବଡ ସ୍ଥାନଗୁଡ଼ିକୁ ସେହି ଟ୍ରେନ୍ ଚଳାଚଳ କରୁଛି । ସ୍ଥାନଗୁଡ଼ିକ ମଧ୍ୟରେ ଦିଲ୍ଲୀ-ପାଟ୍ନା, ଦିଲ୍ଲୀ-ଭାଗଲପୁର, ଦିଲ୍ଲୀ-ମୁଜାଫରପୁର, ଦିଲ୍ଲୀ-ସହରସା, ଗୋରଖପୁର-ମୁମ୍ବାଇ, କୋଲକାତା-ପୁରୀ, ଗୌହାଟୀ-ରାଞ୍ଚି ଓ ନୂଆଦିଲ୍ଲୀ-ଶ୍ରୀ ମାତା ବୈଷ୍ଣୋଦେବୀ କଟ୍ରା ରହିଛି । ମନ୍ତ୍ରଣାଳୟ କହିଛି ବଡବଡ ଷ୍ଟେସନଗୁଡ଼ିକରେ ଯାତ୍ରୀମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଅତିରିକ୍ତ ରେଳବାଇ ସୁରକ୍ଷା ବାହିନୀ ଜବାନ ମୁତୟନ କରିଛନ୍ତି । ଜରୁରୀକାଳୀନ ଡିଉଟି ପାଇଁ ଅଫିସରମାନଙ୍କୁ ନିଯୁକ୍ତି କରାଯାଇଛି ।

## ବିହାର ଲୋକସଭା ଷ୍ଟେଟ୍ ପ୍ରୋଫାଇଲ

ବିହାରରେ ଲୋକସଭା ନିର୍ବାଚନ ପାଇଁ କାର୍ଯ୍ୟକଳାପ ତ୍ୱରାନ୍ୱିତ ହୋଇଛି । ସେଠାରେ ଲୋକସଭା ନିର୍ବାଚନ ପାଇଁ ପୂର୍ବରୁ କାର୍ଯ୍ୟସୂଚୀ

ଘୋଷଣା ହୋଇସାରିଛି । ବିହାରରେ ୭ଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ହେବ ।

ଆମ ସମ୍ବାଦଦାତା ଜଣାଇଛନ୍ତି ୭କୋଟି ୬୭ଲକ୍ଷ ମତଦାତା ରାଜ୍ୟର ୪୦ଟି ସଂସଦୀୟ ନିର୍ବାଚନମଣ୍ଡଳୀର ପ୍ରାର୍ଥୀମାନଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ଏଥରକ ରାଜ୍ୟରେ ବହୁସଂଖ୍ୟକ ଯୁବା ମତଦାତା ରହିଛନ୍ତି । ୧୯ରୁ ୩୦ବର୍ଷ ବୟସ ମଧ୍ୟରେ ୧ କୋଟି ୭୩ଲକ୍ଷ ଯୁବା ମତଦାତା ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିବେ । ପ୍ରଥମକରି ମତଦାନ କରୁଥିବା ଭୋଟରମାନଙ୍କ ସଂଖ୍ୟା ୧୦ଲକ୍ଷରୁ ଅଧିକ ରହିଛି । ବିହାର ମୁଖ୍ୟ ନିର୍ବାଚନ ଅଫିସର ଏଚ୍.ଆର୍.ଶ୍ରୀନିବାସ କହିଛନ୍ତି ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ମତଦାନକୁ ନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି । ୭୭ହଜାରରୁ ଅଧିକ ଭୋଟ୍‌ଗ୍ରହଣ କେନ୍ଦ୍ର ସ୍ଥାପନ କରାଯାଉଛି । ସେହି ଭୋଟ୍‌ଗ୍ରହଣ କେନ୍ଦ୍ର ଗୁଡ଼ିକରେ ପାନୀୟଜଳ, ଛାୟାପ୍ରଦାନ, ବସିବା ସୁବିଧା ଓ ଶୌଚାଳୟ ସୁବିଧା ଭଳି ମୌଳିକ ସୁବିଧାମାନ ସ୍ଥାପନ କରାଯାଉଛି । ଭୋଟରମାନଙ୍କୁ ସଚେତନ କରାଇବା କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । ବହୁସଂଖ୍ୟାରେ ମତଦାତାମାନେ ଆସି ମତଦାନ କରିବା ପାଇଁ ନିର୍ବାଚନ କମିଶନ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରୁଛି । ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର

ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଏପ୍ରିଲ ୧୯ ତାରିଖରେ ମତଦାନ ହେବ । ଏହି ପର୍ଯ୍ୟାରେ ଗୟା, ଔରଙ୍ଗବାଦ, ନବାଡା ଓ ଜାମୁଇ ଭଳି ୪ଟି ନକ୍ସଲ ଉପଦ୍ରୁତ ଲୋକସଭା ଆସନରେ ମତଦାନ ହେବ । ଦୁଇ ପ୍ରମୁଖ ମେଣ୍ଟ ଏନ୍.ଡି.ଏ ଓ ମହାମେଣ୍ଟ ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ହେବ । ଏନ୍.ଡି.ଏ ମେଣ୍ଟରେ ଜେ.ଡି.ୟୁ, ଲୋକ ଜନଶକ୍ତି ପାର୍ଟି ରାମବିଳାସ, ହିନ୍ଦୁସ୍ତାନୀ ଆଓ୍ୱାମ ମୋର୍ଚ୍ଚା ଓ ରାଷ୍ଟ୍ରୀୟ ଲୋକମୋର୍ଚ୍ଚା ରହିଛି । ମହାମେଣ୍ଟରେ କଂଗ୍ରେସ, ଆର୍.ଜେ.ଡି ଓ ବାମପନ୍ଥୀ ଦଳ-CPIML, CPM ଓ CPI ରହିଛି ।

## ବିଜେପି ଷ୍ଟେଟ୍ ଇନ୍‌ଚାର୍ଜ

ବିଜେପି ରାଜସ୍ଥାନ, ହରିୟାଣା ଓ ଆନ୍ଧ୍ରପ୍ରଦେଶ ପାଇଁ ପାର୍ଟି ନିର୍ବାଚନ ପ୍ରଭାରୀମାନଙ୍କୁ ନିଯୁକ୍ତ କରିଛି । ଲୋକସଭା ନିର୍ବାଚନ ଦୃଷ୍ଟିରୁ ସେମାନଙ୍କୁ ନିଯୁକ୍ତ କରାଯାଇଛି । ବିନୟ ସହସ୍ରାବୁଦ୍ଧେ, ବିଜୟ ରାହତକର ଓ ପ୍ରବେଶ ବର୍ମା ରାଜସ୍ଥାନ ପାଇଁ ନିଯୁକ୍ତ ହୋଇଥିବାବେଳେ ସତୀଶ ପୁନିଆଁ ଓ ସୁରେନ୍ଦ୍ର ସିଂହ ନାଗର ହରିୟାଣା ପାଇଁ ଏବଂ ଅରୁଣ ସିଂହ ଓ ସିଦ୍ଧାର୍ଥନାଥ ସିଂହ ଆନ୍ଧ୍ରପ୍ରଦେଶ ପାଇଁ ନିଯୁକ୍ତ ହୋଇଛନ୍ତି ।

## ଜେକେ-ପାସେଞ୍ଜର ଫେୟାର

ଜାମ୍ମୁ-କାଶ୍ମୀରର ଟ୍ରେନ୍ ଯାତ୍ରୀମାନଙ୍କ ପାଇଁ ରିହାତି ସ୍ୱରୂପ ଉତ୍ତର ରେଳବାଇ ସଙ୍ଗଲାଦନ-ବନିହାଲ-ବାରମୁଲ୍ଲା ରେଳପଥରେ ଟିକଟ ମୂଲ୍ୟ ହ୍ରାସ ପାଇଛି । ରେଳବାଇ ଅଫିସରମାନେ ଏ ବିଷୟକୁ ନିଶ୍ଚିତ କରିଛନ୍ତି । ଦ୍ୱିତୀୟଶ୍ରେଣୀ ସାଧାରଣ ଭଡାରେ ଟିକଟ ମୂଲ୍ୟ ହ୍ରାସ କରାଯାଇଛି ।

## ଆଇଏମ୍‌ଡି ଓ୍ୱେଦର

ଭାରତୀୟ ପାଣିପାଗ ବିଭାଗ ଉତ୍ତର ପୂର୍ବାଞ୍ଚଳ, ପଶ୍ଚିମବଙ୍ଗ ଓ ସିକ୍କିମ୍‌ରେ ୨୩ତାରିଖ ପର୍ଯ୍ୟନ୍ତ ଅଧିକ ବର୍ଷା ହେବାର ଅନୁମାନ କରିଛି । ସେହି ସ୍ଥାନ ଗୁଡ଼ିକରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଅଛି । ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳ, ବିହାର ଓ ଝାଡ଼ଖଣ୍ଡରେ ଆଜି ଅଳ୍ପରୁ ମଧ୍ୟମ ବର୍ଷା ସହିତ କାଁ ଭାଁ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଅଛି । ଇତିମଧ୍ୟରେ ଆଜି ସକାଳେ ରାଜଧାନୀ ଦିଲ୍ଲୀରେ ଅଳ୍ପ ଥଣ୍ଡା ପଡିଥିଲା ।

## ଦିଲ୍ଲୀ ବିଲ୍‌ଡିଂ କୋଲାପ୍ସ

ଦିଲ୍ଲୀର କବୀର ନଗର ଅଞ୍ଚଳରେ ଏକ ଅଟ୍ଟାଳିକା ଭୁଶୁଡି ପଡ଼ିବାରୁ ୨ଜଣ ଲୋକ ପ୍ରାଣ ହରାଇଛନ୍ତି । ଏହି ଘଟଣାରେ ଆଉ ଜଣେ ଲୋକ ଗୁରୁତର ଆହତ ହୋଇଛନ୍ତି । ଅଗ୍ନିଶମ ବିଭାଗ କହିଛି ଭୋର୍ ୨ଟା ବେଳେ

ସେମାନଙ୍କୁ ଏ ସମ୍ବନ୍ଧୀୟ ସୂଚନା ମିଳିଥିଲା । ଦିଲ୍ଲୀ ପୋଲିସ କହିଛି ସେହି ଅଟ୍ଟାଳିକାରେ ରହୁଥିବା ୨ଜଣ ଶ୍ରମିକ ମୃତ୍ୟୁବରଣ କରିଛନ୍ତି । ଅନ୍ୟଜଣେ ଶ୍ରମିକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଘଟଣା ଉପରେ ତଦନ୍ତ ଆରମ୍ଭ ହୋଇଯାଇଛି ଓ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ପଦକ୍ଷେପ ନିଆଯିବ ।